## ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ, ଓଡିଶା, ମଙ୍ଗଳାବାଗ, କଟକ ।

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ, ଓଡିଶାଙ୍କ ଅଧିନରେ ୫୫୧ ଗୋଟି ପଶୁଧନ ନିରୀକ୍ଷକ ପଦବୀ ଚୁକ୍ତିଭିତ୍ତିକ ପଦ୍ଧତିରେ ପୂରଣ କରିବା ପାଇଁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହାର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ. | ଜିଲ୍ଲାର ନାମ | ପଦବୀ ସଂଖ୍ୟା | କ୍ର.ସଂ. | ଜିଲ୍ଲାର ନାମ | ପଦବୀ ସଂଖ୍ୟା |
|---|---|---|---|---|---|
| ୧) | ଅନଗୁଳ | ୨୪ | ୧୬) | କନ୍ଧମାଳ | ୧୨ |
| ୨) | ବାଲେଶ୍ୱର | ୨୦ | ୧୭) | କେନ୍ଦ୍ରାପଡା | ୧୪ |
| ୩) | ବଲାଙ୍ଗୀର | ୧୬ | ୧୮) | କୋରାପୁଟ | ୨୩ |
| ୪) | ବରଗଡ | ୨୨ | ୧୯) | ଖୋର୍ଦ୍ଧା | ୨୨ |
| ୫) | ଭଦ୍ରକ | ୨୨ | ୨୦) | କେଉଁଝର | ୧୫ |
| ୬) | ବୌଦ୍ଧ | ୫ | ୨୧) | ମାଲକାନଗିରି | ୧୩ |
| ୭) | କଟକ | ୩୯ | ୨୨) | ମୟୁରଭଞ୍ଜ | ୨୮ |
| ୮) | ଢେଙ୍କାନାଳ | ୧୪ | ୨୩) | ନବରଙ୍ଗପୁର | ୯ |
| ୯) | ଦେବଗଡ | ୮ | ୨୪) | ନୟାଗଡ | ୨୯ |
| ୧୦) | ଗଞ୍ଜାମ | ୫୦ | ୨୫) | ନୂଆପଡା | ୧୨ |
| ୧୧) | ଗଜପତି | ୧୨ | ୨୬) | ପୁରୀ | ୨୮ |
| ୧୨) | ଜଗତସିଂହପୁର | ୨୩ | ୨୭) | ରାୟଗଡା | ୮ |
| ୧୩) | ଯାଜପୁର | ୧୮ | ୨୮) | ସୋନପୁର | ୬ |
| ୧୪) | ଝାରସୁଗୁଡା | ୫ | ୨୯) | ସମ୍ବଲପୁର | ୨୨ |
| ୧୫) | କଳାହାଣ୍ଡି | ୧୨ | ୩୦) | ସୁନ୍ଦରଗଡ | ୨୦ |

ଉକ୍ତ ପଦବୀଗୁଡିକ ପ୍ରତ୍ୟେକ ଜିଲ୍ଲା ସ୍ତରରେ ପୂରଣ କରାଯିବ । ସେଥି ନିମନ୍ତେ ସମ୍ପୃକ୍ତ ଜିଲ୍ଲାପାଳମାନେ ସ୍ଥାନୀୟ ଖବରକାଗଜ ମାଧ୍ୟମରେ ବିଜ୍ଞାପନ ପ୍ରକାଶ କରିବେ । ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀ ନିଜ ଜିଲ୍ଲାର ମୁଖ୍ୟ ଜିଲ୍ଲା ପଶୁପାଳନ ଓ ପଶୁଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିବେ । ଚୁକ୍ତିଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକୀୟ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା :** ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ Intermediate ବିଜ୍ଞାନ (I.Sc.) କିମ୍ବା +୨ ବିଜ୍ଞାନ (+2 Sc.) କିମ୍ବା ଉଚ୍ଚ ମାଧ୍ୟମିକ ବିଜ୍ଞାନ (Higher Secondary Sc.) କିମ୍ବା ତତ୍ତୁଲ୍ୟ ଶିକ୍ଷାଗତ ଯୋଗ୍ୟତା କିମ୍ବା ଯୁକ୍ତ ଦୁଇ ଧନ୍ଦାମୂଳକ ଶିକ୍ଷା (Dairy Farming / Poultry Farming / Animal Production / Meat and AH) ରେ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ।

ପ୍ରକାଶ ଥାଉକି, ଯୁକ୍ତ ଦୁଇ ଧନ୍ଦାମୂଳକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ/ପ୍ରାର୍ଥୀନୀଙ୍କୁ ଅଗ୍ରାଧିକାର ଭିତ୍ତିରେ ମନୋନୟନ କରାଯିବ ।

ଏତଦ୍ ବ୍ୟତୀତ ପ୍ରାର୍ଥୀ/ପ୍ରାର୍ଥୀନୀ (ଓଡିଆ ଏକ ବିଷୟ ଥାଇ) ଶିକ୍ଷା ବିଭାଗ ଦ୍ୱାରା ନିୟନ୍ତ୍ରିତ ମଧ୍ୟ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

ପ୍ରଶିକ୍ଷଣ ତାଲିମରେ ଉତ୍ତୀର୍ଣ୍ଣ ହୋଇଥିବା ସଫଳ ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କୁ ପଶୁଧନ ନିରୀକ୍ଷକ ଭାବେ ଏକ ବର୍ଷ ପାଇଁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯିବ ଏବଂ କାର୍ଯ୍ୟଦକ୍ଷତା ସନ୍ତୋଷଜନକ ହେଲେ ଉକ୍ତ ନିଯୁକ୍ତିର ମିଆଦ ବଢାଇ ଦିଆଯାଇପାରେ । ଚୁକ୍ତିଭିତ୍ତିକ ପଶୁଧନ ନିରୀକ୍ଷକଙ୍କୁ ମାସିକ ପାରିଶ୍ରମିକ ୫୨୦୦/- ଟଙ୍କା (consolidated) ଦିଆଯିବ ।

**ବୟସ ସୀମା :** ସାଧାରଣ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ ବୟସ ସୀମା ୧୮ ବର୍ଷରୁ ୩୨ ବର୍ଷ (୦୧-୦୮-୨୦୧୦ ସୁଦ୍ଧା) ହୋଇଥିବା ଆବଶ୍ୟକ । ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ କ୍ଷେତ୍ରରେ ଉପର ବୟସ ସୀମା ଅଧିକ ୫ ବର୍ଷ ଏବଂ ପଛୁଆ ବର୍ଗ ଜାତି ପ୍ରାର୍ଥୀ/ପ୍ରାର୍ଥୀନୀଙ୍କ କ୍ଷେତ୍ରରେ ଅଧିକ ୩ ବର୍ଷ କୋହଳ କରାଯିବ ।

**ଶାରୀରିକ ଦକ୍ଷତା :** ଉତ୍ତମ ସ୍ୱାସ୍ଥ୍ୟ, ସର୍ବନିମ୍ନ ଉଚ୍ଚତା ୫'୨" ଏବଂ ଛାତି ଅଣସଂପ୍ରସାରିତ ୩୦" । ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର କୌଣସି ମାନସିକ ବିକୃତି ନଥିବା ଆବଶ୍ୟକ । ପ୍ରାର୍ଥୀ/ପ୍ରାର୍ଥୀନୀ ସାଇକେଲ ଚଳାଇବା ଜାଣିଥିବେ । ଶାରୀରିକ ବିକଳାଙ୍ଗ ପ୍ରାର୍ଥୀ/ପ୍ରାର୍ଥୀନୀ ଏହି ପଦବୀ ପାଇଁ ଆବେଦନ କରିପାରିବେ ନାହିଁ ।

**ସାଧାରଣ ଯୋଗ୍ୟତା :** ପ୍ରାର୍ଥୀ/ପ୍ରାର୍ଥୀନୀ ଭାରତର ନାଗରିକ ହୋଇଥିବେ । ବିବାହିତ ପ୍ରାର୍ଥୀଙ୍କର ଗୋଟିଏ ସ୍ତ୍ରୀ/ସ୍ୱାମୀ ରୁ ଅଧିକ ନଥିବେ ।

ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତି କୁ ଅନୁସରଣ କରାଯିବ । ପ୍ରାର୍ଥୀ/ପ୍ରାର୍ଥୀନୀ ସେମାନଙ୍କର ନାମ ଆବେଦନ କରୁଥିବା ଜିଲ୍ଲାର କର୍ମନିଯୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବେ ଓ ସେହି ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

**ଟ୍ରେନିଂ :** ଚୟନିତ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କୁ ସରକାରୀ ପ୍ରଶିକ୍ଷଣ ଅନୁଷ୍ଠାନରେ ୯ ମାସ (Theory) ଓ ସରକାରୀ ଗୋଶାଳା/ ଫାର୍ମରେ ୩ ମାସ (Practical) ମୋଟ ୧ ବର୍ଷ ଟ୍ରେନିଂ ଦିଆଯିବ । ଟ୍ରେନିଂ ସମୟରେ ପ୍ରାର୍ଥୀ/ପ୍ରାର୍ଥୀନୀମାନଙ୍କୁ ମାସିକ ୭୫୦/- ଟଙ୍କା ଭତ୍ତା ଦିଆଯିବ ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (attested true copy) ସହ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପଶୁଚିକିତ୍ସା ଅଧିକାରୀଙ୍କ (CDVO) ଅଫିସ୍ ରେ ଡାକଦ୍ୱାରା ଦାଖଲ କରିପାରିବେ କିମ୍ବା ବ୍ୟକ୍ତିଗତ ଭାବେ ମଧ୍ୟ ଦାଖଲ କରି ରସିଦ୍ ନେଇପାରିବେ । ଦରଖାସ୍ତ ପଠାଇବା ଲଫାପା ଉପରେ **"ପଶୁଧନ ନିରୀକ୍ଷକ ତାଲିମ୍ ପାଇଁ ଦରଖାସ୍ତ"** ଉଲ୍ଲେଖ କରିବା ଆବଶ୍ୟକ ।

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ : ୨୪.୦୯.୨୦୧୦**

ନିର୍ଦ୍ଧାରିତ ତାରିଖ ସୁଦ୍ଧା ଦରଖାସ୍ତ ନ ପହଞ୍ଚିଲେ ତାହା ଗ୍ରହଣ କରାଯିବ ନାହିଁ । ପ୍ରାର୍ଥୀ / ପ୍ରାର୍ଥୀନୀ ଡାକ ଦ୍ୱାରା ପଠାଇ ଥିବା ଦରଖାସ୍ତ ବିଳମ୍ବରେ ପହଞ୍ଚିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଅସମ୍ପୂର୍ଣ୍ଣ ଦରଖାସ୍ତ / ଆବଶ୍ୟକ ପ୍ରମାଣ ପତ୍ର (attested copy) ନଥାଇ ଦାଖଲ ହୋଇଥିବା ଦରଖାସ୍ତ ଗୁଡିକ ନାକଚ ହୋଇଯିବ ।

25.8.10

ନିର୍ଦ୍ଦେଶକ,
ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ,
ଓଡିଶା, କଟକ